# NATIONAL NEWS BULLETIN (ODIA)

## 26 December - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ବୀର୍‌ବାଲ୍ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

– ୧୭ଜଣ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

- ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ୍ ଅନୁଯାୟୀ ଓଡ଼ିଶା ଓ ରାଜସ୍ଥାନକୁ ଦ୍ୱିତୀୟ କିସ୍ତି ଅନୁଦାନ ପ୍ରଦାନ
- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ୧୩ଲକ୍ଷରୁ ଅଧିକ ସଦସ୍ୟ ସାମିଲ
- କାଜାଖସ୍ତାନ ବିମାନ ଦୁର୍ଘଟଣାରେ ୪୦ରୁ ଅଧିକ ମୃତ

ଏବଂ

- ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରୁଛି ଅଷ୍ଟ୍ରେଲିଆ ।

## ପିଏମ୍–ବୀରବାଲ୍ ଦିବସ

ବୀର୍‌ବାଲ୍ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଦେଶର ଭବିଷ୍ୟତର ମୂଳଦୁଆ ଭାବେ ଶିଶୁମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ୨୦୨୨ରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ, ଗୁରୁ ଗୋବିନ୍ଦ ସିଂଙ୍କ ପୁତ୍ର ସାହେବଜାଦାମାନଙ୍କୁ ସେମାନଙ୍କ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଡିସେମ୍ବର ୨୬ ତାରିଖକୁ ବୀର୍‌ବାଲ୍ ଦିବସ ଭାବେ ପାଳନ କରାଯିବ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଆଜିର ଦିନରେ ବିକଶିତ ଭାରତର ପରିକଳ୍ପନା ସହ ଯୁବମାନସିକତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ଥିବା ସୃଜନଶୀଳତାକୁ ଅଗ୍ରାଧିକାର ଦିଆଯିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁ-ପୋଷିତ ଗ୍ରାମପଞ୍ଚାୟତ ଅଭିଯାନର ଶୁଭାରମ୍ଭ କରିବେ । ପୋଷଣ ସମ୍ବନ୍ଧୀୟ ସେବାଗୁଡ଼ିକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ଏବଂ ଏଥିରେ ସକ୍ରିୟ ଅଂଶ ଗ୍ରହଣକୁ ସୁନିଶ୍ଚିତ କରି ଉନ୍ନତି ଆଣିବା ଉଦ୍ଦେଶ୍ୟ ରହିଛି ।

ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତା ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ୩ ହଜାର ୫୦୦ରୁ ଅଧିକ ଶିଶୁ ଯୋଗଦେବେ । ଏହି ଦିବସକୁ ସ୍ମରଣୀୟ କରିବା ଲାଗି ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟେଜନ କରାଯାଉଛି । **My Gov** ଏବଂ

**My Bharat** ପୋର୍ଟାଲ୍‌ରେ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଉଛି । ବିଭିନ୍ନ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷ୍ଟର ତିଆରି, ସୃଜନଶୀଳ ଲେଖା ଓ କାହାଣୀ କହିବା ଭଳି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ ।

# ପ୍ରେଜ୍-ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭ଟି ବର୍ଗରେ  ସଫଳତା ପାଇଁ ୧୭ଜଣ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । ୧୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପିଲାମାନଙ୍କ ମଧ୍ୟରୁ ୧୭ଜଣଙ୍କୁ ଚୟନ କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିଶୁମାନଙ୍କୁ କଳା ଓ ସଂସ୍କୃତି, ସାହସିକତା, ଉଦ୍‌ଭାବନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ପୁରସ୍କାର ସ୍ୱରୂପ ପ୍ରତ୍ୟେକ ବିଜେତାଙ୍କୁ ପଦକ, ପ୍ରମାଣପତ୍ର ଏବଂ ପ୍ରଶଂସାପତ୍ର ପ୍ରଦାନ କରାଯିବ ।

# ରାଜସ୍ଥାନ-ଓଡ଼ିଶା ୟୁନାଇଟେଡ୍ ଗ୍ରାଣ୍ଟସ

ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ୍ ଅନୁଯାୟୀ, କେନ୍ଦ୍ର ସରକାର ରାଜସ୍ଥାନ ଏବଂ ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ଦ୍ୱିତୀୟ କିସ୍ତି ଅନୁଦାନ ପ୍ରଦାନ କରିଛନ୍ତି । ରାଜସ୍ଥାନକୁ ୫୬୦ କୋଟିରୁ ଅଧିକ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାକୁ ୩୭୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।

ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜସ୍ଥାନର ୧୦ ହଜାର ୧୦୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ, ୩୧୫ଟି ବ୍ଲକ୍ ପଞ୍ଚାୟତ ଏବଂ ୨୦ଟି ଜିଲ୍ଲା ପଞ୍ଚାୟତ ନିମନ୍ତେ ଏହି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ପ୍ରଥମ କିସ୍ତିର ବକେୟା ସ୍ୱରୂପ ୫୩ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।

ଏହି ସୁପାରିଶ୍ ଅନୁଯାୟୀ, ଓଡ଼ିଶାର ୬ ହଜାର ୭୯୪ଟି ଯୋଗ୍ୟ ଗ୍ରାମପଞ୍ଚାୟତ, ୩୧୪ଟି ବ୍ଲକ ପଞ୍ଚାୟତ ଓ ୩୦ଟି ଜିଲ୍ଲା ପଞ୍ଚାୟତକୁ ୩୭୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପ୍ରଥମ କିସ୍ତିର ବକେୟା ଅର୍ଥ ସ୍ୱରୂପ ୮୪ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ଏହି ଅନୁଦାନ ରାଜ୍ୟର ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକର ବିଭିନ୍ନ ଆବଶ୍ୟକତା ପୂରଣ କରିବା ସହ ସମ୍ବିଧାନର ଏକାଦଶ ଅନୁଚ୍ଛେଦରେ ଥିବା ୨୯ଟି ସ୍ୱତନ୍ତ୍ର ବିଷୟ କ୍ଷେତ୍ରରେ ବିନିଯୋଗ କରାଯିବ ।

## ଇପିଏଫ୍ଓ ମେମ୍ବର୍ସ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ-ଇପିଏଫ୍ଓରେ ଗତ ଅକ୍ଟୋବର ମାସରେ ୧୩ଲକ୍ଷ ୪୧ ହଜାର ସଦସ୍ୟ ସାମିଲ ହୋଇଛନ୍ତି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ଇପିଏଫ୍ଓ ର ପ୍ରଭାବଶାଳୀ ପଦକ୍ଷେପ ଯୋଗୁଁ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଛି ।

ସୂଚନା ଅନୁଯାୟୀ ଅକ୍ଟୋବର ମାସରେ ୭ଲକ୍ଷ ୫୦ ହଜାର ନୂଆ ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି । ଏହି ତଥ୍ୟ ଅନୁଯାୟୀ ୧୮ରୁ ୨୫ ବର୍ଷ ବୟସ ବର୍ଗର ସଦସ୍ୟଙ୍କ ସଂଖ୍ୟା ୫୮ ପ୍ରତିଶତରୁ ଅଧିକ ରହିଛି । ଏହି ସମୟ ମଧ୍ୟରେ ୧୨ଲକ୍ଷ ୯୦ ହଜାର ସଦସ୍ୟ ଇପିଏଫ୍‌ଓ ରୁ ବାହାରିଯିବା ପରେ ପୁନର୍ବାର ଯୋଗ ଦେଇଛନ୍ତି । ୨୦୨୩ ଅକ୍ଟୋବର ମାସ ତୁଳନାରେ ଚଳିତବର୍ଷ ଏଥିରେ ୧୬ ଦଶମିକ ୨/୩ ପ୍ରତିଶତ ବୃଦ୍ଧି ଘଟିଛି । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଅକ୍ଟୋବର ମାସରେ ୨ ଲକ୍ଷ ୯ ହଜାରରୁ ଅଧିକ ମହିଳା ନୂତନ ସଦସ୍ୟ ଭାବେ ଇପିଏଫ୍‌ଓରେ ସାମିଲ ହୋଇଛନ୍ତି ।

## କାଜାଖସ୍ତାନ-ପ୍ଲେନ୍ କ୍ରାସ୍

କାଜାଖସ୍ତାନରେ ଗତକାଲି ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୦ରୁ ଅଧିକ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଆଜାରବଇଜାନ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ସେହି ବିମାନରେ ୭୦ଜଣ ଯାତ୍ରା କରୁଥିଲେ ଏବଂ ସେମାନଙ୍କ ମଧ୍ୟରୁ ୩୦ ଜଣ ବଞ୍ଚିଯାଇଛନ୍ତି। ସୂଚନା ମୁତାବକ, ଆଜାରବଇଜାନ୍ ଏୟାରଲାଇନ୍‌ସର **J2-8243** ବିମାନଟି ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଜରୁରୀ ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ସେଥିରେ ନିଆଁ ଲାଗିଯାଇଥିଲା । ବିମାନଟି ରୁଷ୍‌ର ଗ୍ରୋଜନି ସହର ଅଭିମୁଖେ ଉଡ଼ାଣ କରିଥିଲା । କିନ୍ତୁ କୁହୁଡ଼ି କାରଣରୁ ଏହାର ଗତିପଥ ପରିବର୍ତ୍ତନ କରାଯାଇଥିଲା ।

ମିଳିଥିବା ଫୁଟେଜ୍‌ରୁ ଜଣାପଡ଼ିଛି, ବିମାନଟି ସ୍ଥଳଭାଗ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅବତରଣ କରିବା ପରେ ନିଆଁ ଲାଗିଯାଇଥିଲା । ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଗୋଟିଏ ପକ୍ଷୀ ସହ ଧକ୍କା ହୋଇଥିବା କୁହାଯାଇଛି । କିନ୍ତୁ ତାହା ନିଶ୍ଚିତ ହୋଇନାହିଁ ।

## ଇୟର ଏଣ୍ଡର-ଏଚ୍‌ୟୁଏସ୍

୨୦୨୪ ମସିହା ଶେଷ ହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ ଚଳିତବର୍ଷ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାବଳୀ ଉପରେ ଝଲକ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସଂପର୍କରେ ।

ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ସ୍ମାର୍ଟ ସିଟି ମିଶନରେ ସହରାଞ୍ଚଳ ଜୀବନଶୈଳୀ, ନିରାପତ୍ତା ଏବଂ ଜନସେବାରେ ଉନ୍ନତି ଆଣିବା ଲାଗି ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ମାର୍ଟସିଟି ମିଶନର କେତେକ ପ୍ରମୁଖ ସଫଳତା ମଧ୍ୟରେ ୧୦୦ଟି ସ୍ମାର୍ଟସିଟିରେ ସମନ୍ୱିତ କମାଣ୍ଡ ଏବଂ କଣ୍ଟ୍ରୋଲ୍ କେନ୍ଦ୍ର, ୮୪ ହଜାର ସି.ସି.ଟିଭି ସର୍ଭିଲାନ୍ସ କ୍ୟାମେରା, ୧୮୮୪ ଜରୁରୀକାଳୀନ କଲ୍ ଏବଂ ୩ ହଜାରରୁ ଅଧିକ ଲୋକଅଭିଯୋଗ ଶୁଣାଣି ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗତ ୬ ମାସ ମଧ୍ୟରେ

କେନ୍ଦ୍ର ସରକାର କଠିନ ବର୍ଜ୍ୟବସ୍ତୁ ଏବଂ ବ୍ୟବହୃତ ଜଳ ପରିଚାଳନା ପାଇଁ ଆସାମ, ବିହାର, ଦିଲ୍ଲୀ, ଗୁଜରାତ, ମଧ୍ୟପ୍ରଦେଶ, ମିଜୋରାମ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ବିଭିନ୍ନ ପ୍ରକଳ୍ପ ପାଇଁ ୧ ହଜାର ୧୨୩ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି ।

ଅହମ୍ମଦାବାଦ ଏବଂ ହାଇଦ୍ରାବାଦର ୨ଟି ପ୍ରମୁଖ ବର୍ଜ୍ୟବସ୍ତୁ ଅଞ୍ଚଳରୁ ସଂପୂର୍ଣ୍ଣ ରୂପେ ପୁନରୁଦ୍ଧାର କରାଯାଇ ପ୍ରାୟ ୨ ଦଶମିକ ୫ ଲକ୍ଷ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁକୁ ସଫଳତାର ସହ ପ୍ରକ୍ରିୟାକରଣ କରାଯାଇଛି । ଦିଲ୍ଲୀ ଏବଂ ମିରଟ ମଧ୍ୟରେ ଆଞ୍ଚଳିକ ର୍ୟାପିଡ୍ ଟ୍ରାଞ୍ଜିଟ୍ ବ୍ୟବସ୍ଥାର ସଂପ୍ରସାରଣ କରାଯାଇ ସହରାଞ୍ଚଳରେ ଉନ୍ନତି ଆଣିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରିଛନ୍ତି । ୨୦୨୩ ଅକ୍ଟୋବରରୁ ଏହି ବ୍ୟବସ୍ଥାରେ ୪୨ କିଲୋମିଟର ରାସ୍ତା ସଂଯୋଗୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଆସନ୍ତାବର୍ଷ ସୁଦ୍ଧା ଅବଶିଷ୍ଟ ଅଂଶ କାର୍ଯ୍ୟକ୍ଷମ କରାଇବା ଲାଗି ମନ୍ତ୍ରଣାଳୟ ପଦକ୍ଷେପ ଗ୍ରହଣ କରୁଛି ।

## କ୍ରିକେଟ୍

ମେଲବୋର୍ଣ୍ଣଠାରେ ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହୋଇଛି । ଅଷ୍ଟ୍ରେଲିଆ ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଅଷ୍ଟ୍ରେଲିଆ ୨୫ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୧୨ ରନ୍ କରିଛି ।

୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଛନ୍ତି ।

## ଆଇସିସି-ର୍ୟାଙ୍କିଙ୍ଗ୍

ଅନ୍ତର୍ଜାତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ-ଆଇସିସି ମାନ୍ୟତାରେ ଭାରତର ଦ୍ରୁତ ବୋଲର୍ ଯଶପ୍ରୀତ୍ ବୁମ୍‌ରା ପୁରୁଷ ଟେଷ୍ଟ ବୋଲିଂ ମାନ୍ୟତାରେ ସଫଳତା ହାସଲ କରିଛନ୍ତି । ସେ ୯୦୪ ପଏଣ୍ଟରେ ପହଞ୍ଚିଛନ୍ତି । ପୂର୍ବରୁ ଭାରତୀୟ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନୀଙ୍କୁ ଏହି ସଫଳତା ମିଳିଥିଲା । ବ୍ରିସ୍‌ବେନ୍‌ରେ ବୁମ୍‌ରା ୯୪ ରନ୍‌ରେ ୯ଟି ଓ୍ୱିକେଟ୍ ହାସଲ କରିବା ପରେ ଟେଷ୍ଟ୍ ବୋଲିଂ ମାନ୍ୟତାରେ ତାଙ୍କୁ ଏହି ସଫଳତା ମିଳିଛି ।

## ସୁଟିଂ

ବନ୍ଧୁକ ଚାଳନାରେ ମାହେଶ୍ୱରୀ ଚୌହାନ ଏବଂ ଅନନ୍ତଜିତ୍ ସିଂ ନାରୁକାଙ୍କ ଯୋଡ଼ି ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସୁଟିଂ ଚମ୍ପିୟାନ୍‌ସିପ୍‌ରେ ଦଳଗତ ଟାଇଟଲ୍ ହାସଲ କରିଛନ୍ତି । ଉଭୟ ଖେଳାଳି ରାଜସ୍ଥାନ ପାଇଁ ସ୍କିଟ୍ ଡବଲ୍‌ସରେ ଏହି ଟାଇଟଲ୍ ହାସଲ କରିଛନ୍ତି ।

ଡକ୍ଟର କର୍ଣ୍ଣି ସିଂ ସୁଟିଂ ରେଞ୍ଜ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ରାଜସ୍ଥାନର ଏହି ଯୋଡ଼ି' ଉତ୍ତରପ୍ରଦେଶର ମୈରାଜ ଅହମ୍ମଦ ଖାନ୍ ଏବଂ ଅରିବା ଖାନ୍‌ଙ୍କୁ ୪୪-୪୩ରେ ପରାସ୍ତ କରିଥିଲେ । ପ୍ରତିଯୋଗିତାରେ ପଞ୍ଜାବର ଗନିମତ୍ ଶେଖନ ଓ ଅଭୟ ସିଂ ଶେଖନ କାଂସ୍ୟ ପଦକ ଜିତିଛନ୍ତି ।